# ଦେବୋତ୍ତର କାର୍ଯ୍ୟାଳୟ କଣ୍ଟିଲୋ ,ଖଣ୍ଡପଡା

Shri Nilamadhab Jew. Temple Office Kantilo

ଚିଠି ନଂ- ୪୭ | ତାରିଖ- ୧୧/୪/୨୨
--- | ---

## ନୋଟିସ୍

ଏତତ୍ ଦ୍ୱାରା ସମସ୍ତ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ଶ୍ରୀ ଶ୍ରୀ ନୀଳମାଧବ ଜୀଉ ବିଜେ କଣ୍ଟିଲୋ ଙ୍କ ଉତ୍ତର ଦ୍ୱାର ଥିବା ମ୍ୟୁଜିୟମ୍ ଏଣୁ ତା-୧୪।୪।୨୨ ଠାରୁ ତା-୧୪।୪।୨୮ ରିଖ ନିଲାମ କାର୍ଯ୍ୟକ୍ରମ ଟେଣ୍ଡର ମାଧ୍ୟମରେ ଅହ୍ୱାନ କରାଯାଇଥିଲା କିନ୍ତୁ ଏହି ସମୟରେ ଚନ୍ଦନ ଯାତ୍ରା ଚାଲୁରହିଥିବାରୁ ଏହାର ପ୍ରଚାର ପ୍ରସାର ଠିକ୍ ଭାବରେ କରାଯାଇନଥିବା ହେତୁ ଏହାର ଅବଧି କୁ ତା-୨୦।୪।୨୨ ରିଖ ଠାରୁ ତା- ୨୦।୪।୨୨ ରିଖ ଅପରାହ୍ନ ୧୨ଘ.୩୦ ମିନିଟ୍ ଘଣ୍ଟା ସମୟ ମଧ୍ୟରେ ଖଣ୍ଡପଡା ରେ ଅବସ୍ଥିତ ତହସିଲଦାର ଙ୍କ କାର୍ଯ୍ୟଳୟରେ ଟେଣ୍ଡର ବାକ୍ସରେ ପକାଇ ପାରିବେ । ତା- ୨୧।୪।୨୨ ରିଖ ମଧ୍ୟାହ୍ନ ୧୨ଘ. ଘଂଟା ସମୟରେ ଟେଣ୍ଡର ବାକ୍ସ ଖୋଲାଯିବ । ଯେଉଁ ବ୍ୟାକ୍ତି ର ସର୍ବୋଚ୍ଚ ଡାକ ରହିଥିବ ସେହି ବ୍ୟାକ୍ତି ନଗଦ ଟଙ୍କା ୨୪ ଘଣ୍ଟା ସମୟ ମଧ୍ୟରେ ଅଫିସ୍ ରେ ଦାଖଲ କରି ରସିଦ୍ ଗ୍ରହଣ କରିବେ । ଟଙ୍କା ଦାଖଲ ନକଲେ ଏହା ନାକଚ ହୋଇଯିବ ।

ନିଲାମ ଗ୍ରହଣ କରିବା କିମ୍ବା ନାକଚ କରିବା ନିମ୍ନ ସ୍ୱାକ୍ଷର କାରୀ ଦ୍ୱାରା ସଂରକ୍ଷିତ ଅଟେ ।

ସ୍ଥାନ- ୧) ଉତର ଦ୍ୱାର ମୁଜିୟମ ଟ. ୩୫୦୦୦୦/- (ତିନିଲକ୍ଷ ପଚାଶ ହଜାର ଟଙ୍କା ମାତ୍ର) ସର୍ବ ନିମ୍ନ

ବିଦ୍ର- ୧. ଦିଆଯାଇଥିବା ସର୍ବନିମ୍ନ ରାଶିର ଶତକଡା ୧୦% ହିସାବରେ ଅମାନତା ଟଙ୍କା ଡିମାଣ୍ଡ ଡ୍ରାଫଟ ମାଧ୍ୟମରେ ଟେଣ୍ଡର ପେପର ସହ ଦାଖଲ ଦେବେ,ସର୍ବୋଚ୍ଚ ନିଲାମ ଗ୍ରହୀତା ନିଲାମ ଗ୍ରହଣ ନକଲେ ଏହା ବ୍ୟାଜାପ୍ତି ହୋଇଯିବ । Demand Draft ଟି Lord Neelamadhab Jew Kantilo ଙ୍କ ନାମ ରେ କରାଯିବ ।

୨. ଏହାର ଏକାକିତା ନକଲ ଏନ୍ ଏନ୍‌ସି ଖଣ୍ଡପଡା,ବିଡିଓ ଖଣ୍ଡପଡା,ତହସିଲଦାର ଖଣ୍ଡପଡା ,ଗ୍ରାମପଂଚାୟତ କଣ୍ଟିଲୋ ,ଆର୍‌ଆଇ କଣ୍ଟିଲୋ, ଫାଣ୍ଡି ଅଧିକାରୀ କଣ୍ଟିଲୋ ,ଏନ୍ ଆଇସି ନୟାଗଡ ଅବଗତି ନିମନ୍ତେ ଜଣାଇଦିଆଗଲା ।

୩. ସର୍ବଚ୍ଚ ନିଲାମ ଧାରୀ ମୁଜିୟମ ପାଇଁ ସିକ୍ୟୁରିଟ୍ ଡିପୋଜିଟ୍ ଟ.୫୦.୦୦୦(ପଚାଶ ହଜାର ଟଙ୍କା ମାତ୍ର) ରଖାଯିବ ଏହା ନିଲାମ ର କାର୍ଯ୍ୟ କାଳ ଶେଷ ହେବା ପରେ ଏହି ଟଙ୍କା ନିଲାମ ଧାରୀ ଙ୍କୁ ଫେରସ୍ତ କରାଯିବ । ଯଦି ମୁଜିୟମର କୌଣସି କ୍ଷୟକ୍ଷତି କରନ୍ତି ଉକ୍ତ ଟଙ୍କା ରୁ ଭରଣ କରାଯିବ ।

୪. ସର୍ବୋଚ୍ଚ ନିଲାମଧାରୀ ମୁଜିୟମ କୁ ସର୍ବଦା ପରିଷ୍କାର ପରିଚ୍ଛନ ରଖିବା ସଙ୍ଗେ ସଙ୍ଗେ ମୁଜିୟମ ରେ ଲଗାଯାଇଥିବା ସମସ୍ତ ଉପକରଣ ସୁରକ୍ଷିତ ରଖିବା ପାଇଁ ଯତ୍ନବାନ ହେବେ । ଏବଂ ମୁଜିୟମକୁ ଆସୁଥିବା ବ୍ୟକ୍ତି ଙ୍କ ପିଛାଟ.୧୦ (ଦଶ ଟଙ୍କା ) ହିସାବରେ ଗ୍ରହଣ କରିବେ । ଏଥିରେ କୌଣସି ତୃଟି ପରିଲିକ୍ଷିତ ହେଲେ ଏହାକୁ ନାକଚ ବା ବ୍ୟାଜାପ୍ତି କରିଦିଆଯିବ ।

11.05.26

ତହସିଲଦାର ତଥା କାର୍ଯ୍ୟନିର୍ବାହୀ ଅଧିକାରୀ

ଦେବୋତ୍ତର ବିଭାଗ କଣ୍ଟିଲୋ , ଖଣ୍ଡପଡା

Tehasildar-Cum Executive Officer DEBOTTAR, KHANDAPARA